ସମାଜ®
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ
PRINTED AT CUTTACK, SAMBALPUR, BALESWAR, VISAKHAPATNAM
100 YEARS OF PUBLICATION Daily Edition: R.N.I. No. 4005/57 P.R. No. CK(C)17/2018-2020
Cuttack, Friday 31 January 2020 ■ କଟକ, ଶୁକ୍ରବାର ୩୧ ଜାନୁଆରୀ ୨୦୨୦ ■ ଭାଗ- ୯୧ ସଂଖ୍ୟା- ୩୦ ■ ଆଜି ମକର ୧୭ ଦିନ, ୧୪୨୭ ସାଲ ■ ମାଘ ୧୧ ଦିନ, ୧୯୪୧ ଶକାବ୍ଦ, ଶୁକ୍ଳପକ୍ଷ ଷଷ୍ଠୀ ■ www.thesamaja.com www.samajaepaper.com www.samajalive.in ଟ ୬.୦୦ (୨୦ ପୃଷ୍ଠା)

# ବିଜିନେସ୍ ପ୍ରାକ୍ଟିସ୍ ଓ ମ୍ୟାନେଜମେଣ୍ଟ ଶିକ୍ଷା ସମ୍ବନ୍ଧୀୟ ଅନ୍ତର୍ଜାତୀୟ ସମ୍ମିଳନୀ

ଭୁବନେଶ୍ୱର : ବିର୍ଲା ସ୍କୁଲ ଅଫ ମ୍ୟାନେଜମେଣ୍ଟ (ବିଜିୟୁ) ଭୁବନେଶ୍ୱର ଏବଂ ଲୁବ୍‌ଲିୟାନା ୟୁନିଭର୍ସିଟି, ସ୍ଲୋଭେନିଆ, ୟୁରୋପର ମିଳିତ ସହଯୋଗରେ 'ବିଜିନେସ୍ ପ୍ରାକ୍ଟିସ୍ ଓ ମ୍ୟାନେଜମେଣ୍ଟ ଶିକ୍ଷା' ସମ୍ବନ୍ଧୀୟ ଏକ ଦୁଇଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଇଏମ୍ଏଲ୍ ଲିମିଟେଡର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଦୀପକ କୁମାର ହୋତା ଯୋଗଦେଇଥିଲେ । ସ୍କୁଲ ଅଫ୍ ବିଜିନେସ୍, ମେଡ୍‌ଗାର ଏଭର୍ସ କଲେଜ, ସିଟି ୟୁନିଭର୍ସିଟି ଅଫ୍ ନ୍ୟୁୟର୍କର ଡଃ ଜୋ-ଆନ୍ ରୋଲେ ବିଶିଷ୍ଟ ବକ୍ତା ରୂପେ ଯୋଗଦେଇଥିଲେ । ଡଃ ରୋଲେ ଭବିଷ୍ୟତରେ ପ୍ରଭାବଶାଳୀ ବିଜିନେସ୍ ଲିଡର ସୃଷ୍ଟି କରିବା ପାଇଁ ଆବଶ୍ୟକ ଶିକ୍ଷା ପ୍ରଣାଳୀ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଡଃ. ଏଚ୍. ଚତୁର୍ବେଦୀ, ଡାଇରେକ୍ଟର, ବିମ୍‌ଟେକ୍, ଗ୍ରେଟର ନୋଇଡା, ପ୍ରଫେସର ଡଃ ଆଲେକ୍‌ଜାଣ୍ଡ୍ରା କନ୍‌କ୍ସୁଓ-ମର୍କେଲା, ପ୍ରଫେସର ଆଣ୍ଡ ହେଡ୍-ଡକ୍ଟୋରାଲ୍ ପ୍ରୋଗ୍ରାମ୍, ଫ୍ୟାକଲ୍ଟି ଅଫ୍ ସୋସିଆଲ୍ ସାଇନ୍ସେସ୍, ୟୁନିଭର୍ସିଟି ଅଫ୍ ଲୁବ୍‌ଲିୟାନା, ସ୍ଲୋଭେନିଆ, ୟୁରୋପ, ଡଃ ମୋନିକା କାଲିନ୍ ଗୋଲବ୍, ପ୍ରଫେସର ଶ୍ୟାମ୍ ଏସ୍ ଲୋଧା, ଡଃ ଶରତ କୁମାର ଆଚାର୍ଯ୍ୟ, ପ୍ରମୁଖ ବକ୍ତାରୂପେ ଯୋଗଦେଇଥିଲେ । ଏଥିରେ ଭାରତ ତଥା ୧୩ଟି ବିଦେଶ ରାଷ୍ଟ୍ରର ପାଖାପାଖି ୨୬୮ରୁ ଊର୍ଦ୍ଧ୍ୱ ଗବେଷକ ଭାଗ ନେଇଥିଲେ । ପ୍ରଫେସର ପରମେଶ୍ୱର ନାୟକ ସ୍ୱାଗତ ଦେଇଥିଲେ । ଡଃ. ବି.କେ. ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ବିଜିୟୁ କୁଳପତି ପ୍ରଫେସର ଡ.ସୁଧାକର ପଣ୍ଡା ଅଧ୍ୟକ୍ଷତା କରିଥିବାବେଳେ ଡଃ ଅର୍ଚ୍ଚନା ଚୌଧୁରୀ ଏବଂ ଡଃ ଅନୁଭା ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଭିତରେ
ସୁପ୍ରିମ୍ କୋର୍ଟରେ ସତ୍ୟପାଠ
ମସ୍‌ଜିଦ୍‌ରେ ମହିଳାଙ୍କ ପ୍ରବେଶକୁ ସମର୍ଥନ
ମାତ୍ରାଧିକ ବିଦ୍ୟୁତ ବିଲ୍ ମାଡ଼
୭୦% ଇସ୍ପାତ ଉଦ୍ୟୋଗରେ ତାଲା
www.sambadepaper.com/sambad.in

SAMBAD
ସମ୍ବାଦ

Thursday 30 January 2020 | Page 20 ₹ 5.00 | ଭୁବନେଶ୍ୱର | ଗୁରୁବାର ୩୦ ଜାନୁଆରି, ୨୦୨୦ | ୨୦ ପୃଷ୍ଠା, ମୂଲ୍ୟ ୫ ଟଙ୍କା | PRINTED AT BHUBANESWAR | BALASORE | JEYPORE | BARGARH | BHUBANESWAR




# ବିଜିୟୁରେ ଆନ୍ତର୍ଜାତିକ ସମ୍ମିଳନୀ

ଭୁବନେଶ୍ୱର, ୨୯/୧: ବିଜିୟୁ ଭୁବନେଶ୍ୱର ଓ ସ୍ଲୋଭେନିଆର ଲ୍ୟୁବ୍ଲିୟାନା ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବିଜନେସ୍ ପ୍ରାକ୍ଟିସ୍ ଓ ମ୍ୟାନେଜମେଣ୍ଟ୍ ଶିକ୍ଷା ଉପରେ ଏକ ଆନ୍ତର୍ଜାତିକ ସମ୍ମିଳନୀ ଆୟୋଜନ କରାଯାଇଛି। ଏହାକୁ ବିଇଏମ୍ଏଲ୍‌ର ସିଏମ୍‌ଡି ଦୀପକ କୁମାର ହୋତା ଉଦ୍‌ଘାଟନ କରିଥିଲେ। ସିଟି ୟୁନିଭର୍ସିଟି ଅଫ ନ୍ୟୁୟର୍କର ଡ. ଜୋ-ଆନ୍ ରୋଲେ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିମ୍‌ଟେକ୍ ଗ୍ରେଟର ନୋଏଡାର ନିର୍ଦ୍ଦେଶକ ଡ. ଏଚ୍ ଚତୁର୍ବେଦୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମିଳନୀରେ ୧୩ଟି ଦେଶର ପ୍ରାୟ ୨୬୮ରୁ ଅଧିକ ଗବେଷକ ଏଥିରେ ସାମିଲ ହୋଇଥିଲେ।